# NATIONAL NEWS BULLETIN (ODIA)

**13 April- 2025**

**Mid Bulletin : 3.45 p.m.**

---

## ମୁଖ୍ୟ ସମ୍ବାଦ

- ହରିୟାଣାର ହିସାରରୁ ଅଯୋଧ୍ୟାକୁ ବାଣିଜ୍ୟିକ ବିମାନ ଉଡାଣର ଆସନ୍ତାକାଲି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ସ୍ମୃତିଦିବସ ଅବସରରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ।

- ଆସନ୍ତାକାଲି ପାଳନ କରାଯିବ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ।

- ସୁଦାନର ଉତ୍ତର ଦାରଫୁର ଅଞ୍ଚଳରେ ଅର୍ଦ୍ଧସାମରିକ ବାହିନୀ ଆକ୍ରମଣରେ ୧୧୪ଜଣଙ୍କର ମୃତ୍ୟୁ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି୍ ଖେଳାଯିବ ଦୁଇଟି ମ୍ୟାଚ ।

# ପିଏମ୍‌-ହରିଆଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ହରିଆଣା ଗସ୍ତରେ ଯାଇ ସକାଳେ ହିସାରରେ ପହଞ୍ଚିବେ । ଆମ୍ବେଦକର ଜୟନ୍ତୀ ଅବସରରେ ହିସାରରୁ ଅଯୋଧ୍ୟାକୁ ବାଣିଜ୍ୟିକ ବିମାନ ଉଡ଼ାଣର ଶୁଭାରମ୍ଭ କରିବା ସହ ହିସାର ବିମାନ ବନ୍ଦରର ନୂତନ ଟର୍ମିନାଲ୍‌ କୋଠାର ଶିଳାନ୍ୟାଶ କରିବେ । ସେଠାରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଏହା ପରେ ପ୍ରଧାନମନ୍ତ୍ରୀ ଯମୁନାନଗରରେ କେତେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଜନସମାବେଶରେ ଉଦ୍‌ବୋଧନ ଦେବେ । ଯମୁନାନଗରଠାରେ ଦୀନବନ୍ଧୁ ଛୋଟୁରାମ ତାପଜ ବିଦ୍ୟୁତ୍‌ କେନ୍ଦ୍ରର ୮୦୦ ମେଗାୱାଟ୍‌ ଆଧୁନିକ ତାପଜ ବିଦ୍ୟୁତ୍‌ ୟୁନିଟ୍‌ର ଶିଳାନ୍ୟାସ କରିବେ । ପ୍ରାୟ ୮ ହଜାର ୪୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨୩୩ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ୟୁନିଟ୍‌ ହରିଆଣାର ଶକ୍ତି ଆତ୍ମନିର୍ଭରଶୀଳତାକୁ ଅଧିକ ତ୍ୱରାନ୍ୱିତ କରିବା ସହ ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍‌ ଯୋଗାଣକୁ ସୁନିଶ୍ଚିତ କରିପାରିବ । ଯମୁନାନଗରର ମୁକରାବପୁରଠାରେ ଏକ ବାୟୋଗ୍ୟାସ୍‌ ପ୍ଲାଣ୍ଟର ଶିଳାନ୍ୟାସ କରିବେ ।

ଭାରତମାଳା ପରିଯୋଜନା ଅଧୀନରେ ପ୍ରାୟ ୧ ହଜାର ୭୦ କୋଟି ଟଙ୍କା ବ୍ୟୟରେ ୧୪ ଦଶମିକ ୪ କିଲୋମିଟର ରେୱାରି ବାଇପାସ୍‌ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହାଦ୍ୱାରା ରେୱାରି ସହରରେ

ଯାନବାହାନ ଚଳାଚଳ ସୁଗମ ହୋଇପାରିବ । ଦିଲ୍ଲୀ-ନା୍‌ରନୌଲ୍ ଯାତ୍ରା ସମୟ ମଧ୍ୟ ହ୍ରାସ ପାଇବା ସହ ଆଞ୍ଚଳିକ, ଅର୍ଥନୈତିକ ଏବଂ ସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ।

# ପିଏମ୍-ଜାଲିଆନାୱାଲାବାଗ

ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ସ୍ମୃତି ଦିବସ ଅବସରରେ ଆଜି ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି । ୧୯୧୯ ମସିହା ଆଜିର ଦିନରେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଘଟିଥିଲା । ବ୍ରିଟିଶ ଅଧିକାରୀ ଜେନେରାଲ ଡାୟରଙ୍କ ନେତୃତ୍ୱରେ ଶହଶହ ନିରୀହ ଲୋକଙ୍କୁ ହତ୍ୟା କରାଯାଇଥିଲା । ସମାଜର ବିଭିନ୍ନ ବର୍ଗର ଲୋକେ ଆଜି ଜାଲିଆନାୱାଲାବାଗରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧମରେ ଜାଲିଆନାୱାଲାବାଗର ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ୧୯୧୯ ମସିହା ଆଜିର ଦିନରେ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସହିଦମାନେ ଦେଶପାଇଁ ସର୍ବଦା ସ୍ମରଣୀୟ ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ଜାଲିଆନାୱାଲାବାଗରେ ପ୍ରାଣବଳୀ ଦେଇଥିବା ସହିଦମାନଙ୍କର ସାହସକୁ ଦେଶ ସର୍ବଦା ମନେରଖିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ କହିଛନ୍ତି ଆଗାମୀ ପିଢ଼ି ସହିଦମାନଙ୍କର ଅଦମ୍ୟ ଭାବନାକୁ ସର୍ବଦା ମନେରଖିବ । ଜାଲିଆନାୱାଲାବାଗ ଦେଶର

ଇତିହାସର ଏକ କଳା ଅଧ୍ୟାୟ ସହିଦମାନଙ୍କର ବଳିଦାନ ଭାରତର ସ୍ୱତନ୍ତ୍ରତା ସଂଗ୍ରାମର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଆମ୍ବେଦକର ଜୟନ୍ତୀ

ଭାରତୀୟ ସମ୍ବିଧାନର ପ୍ରଣେତା ବାବାସାହେବ ଡକ୍ଟର ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଆସନ୍ତାକାଲି ସମଗ୍ର ଦେଶରେ ପାଳନ କରାଯିବ । ଏହି ଅବସରରେ ନୂଆଦିଲ୍ଲୀର ସଂସଦଭବନ ପରିସରସ୍ଥିତ ପ୍ରେରଣାସ୍ଥଳଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ସାଂସଦ ଏବଂ ବିଶିଷ୍ଟ ବ୍ୟକ୍ତି ପୂର୍ବାହ୍ନରେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ । ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ । ଡକ୍ଟର ଆମ୍ବେଦକର ଜାତୀୟ ସ୍ମାରକୀକୁ ଯାତାୟତ ପାଇଁ ଆମ୍ବେଦକର ଫାଉଣ୍ଡେସନ ପକ୍ଷରୁ ଆସନ୍ତାକାଲି ସ୍ୱତନ୍ତ୍ର ବସ୍‌ର ଆୟୋଜନ କରାଯାଇଛି ।

# ମନସୁଖ ମାଣ୍ଡବୀୟ

କେନ୍ଦ୍ର ଯୁବଶକ୍ତି ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ବିକଶିତ ଭାରତ ଗଠନରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ସମାନତା, ନ୍ୟାୟ ଏବଂ ଭାତୃତ୍ୱବୋଧର ଅନୁସରଣ କରିବା ପାଇଁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ପାଟନାର ଐତିହାସିକ ଗାନ୍ଧୀ ମଇଦାନରେ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଜୟଭୀମ ଯାତ୍ରାକୁ ଶୁଭାରମ୍ଭ କରିବା ଅବସରରେ ଯୁବବର୍ଗ ଏବଂ ସ୍ୱେଚ୍ଛାସେବୀ ମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମାଣ୍ଡବୀୟ ଏହା କହିଛନ୍ତି ।  ଭାରତର ସମ୍ବିଧାନକୁ ସମ୍ମାନ ପ୍ରଦର୍ଶନ ଏବଂ ଏହାର ଅନୁପାଳନ କରିବା ପାଇଁ ସେ କହିଛନ୍ତି ।

ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲାରେ କହିଥିବା ପଞ୍ଚପ୍ରଣର ଅନୁପାଳନ କରିବା ପାଇଁ ଡକ୍ଟର ମାଣ୍ଡବୀୟ ଯୁବବର୍ଗଙ୍କୁ କହିଛନ୍ତି  । ସେ ଆହୁରି କହିଛନ୍ତି କର୍ତ୍ତବ୍ୟ ଏବଂ ନିଜର ଭାବନା ସହିତ ଭାରତର ନାଗରିକମାନେ ରାଷ୍ଟ୍ର ପ୍ରଥମ ଭାବନା ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ । ଡକ୍ଟର ମାଣ୍ଡବୀୟ କହିଛନ୍ତି ପ୍ରଧାନନ୍ତ୍ରୀ ନରେନ୍ଦ୍ର ମୋଦୀ ଏକଲକ୍ଷ ନୂତନ ଯୁବନେତାଙ୍କୁ ତିଆରି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଏଥିପାଇଁ ମେରା ଭାରତ ଅଭିଯାନର ଆରମ୍ଭ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧କୋଟି ୭୫ଲକ୍ଷ ଯୁବକ ଏହା ସହ ଯୋଡ଼ି ହୋଇଥିବା ମାଣ୍ଡବୀୟ କହିଛନ୍ତି...

**V/O (Mandaviya)**

ଡକ୍ଟର ମାଣ୍ଡବୀୟ ଗାନ୍ଧୀ ମଇଦାନଠାରୁ ଆରମ୍ଭ ହୋଇଥିବା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ପାଟନାର ବିଭିନ୍ନ ସ୍ଥାନ ଅତିକ୍ରମ କରି ଏହି ପଦଯାତ୍ରା ଉଚ୍ଚ ନ୍ୟାୟାଳୟ ନିକଟରେ ଥିବା

ଭୀମରାଓ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି ନିକଟରେ ସମ୍ପନ୍ନ ହେବ । ଏଥିସହିତ ଏକ ସ୍ୱଚ୍ଛତା ଅଭିଯାନ ହେବା ସହ ଡକ୍ଟର ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୁବ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ରାଜନୈତିକ ନେତାମାନଙ୍କ ସହ ବିଧାୟକ ଏବଂ ସାଂସଦମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଡକ୍ଟର ଭୀମରାଓ ଆମ୍ବେଦକରଙ୍କର ଜନ୍ମଜୟନ୍ତୀ ଏବଂ ଭାରତୀୟ ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଅବସରରେ ଏହି ପଦଯାତ୍ରା ଆରମ୍ଭ ହୋଇଛି । ଆଜି ଦେଶର ୫ହଜାରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

## ସୁଦାନ-କିଲ୍‌ଡ

ସୁଦାନର ଉତ୍ତର ଦାରଫୁର ଅଞ୍ଚଳର ରାଜଧାନୀ ଏଇଫାସରଠାରେ ଥିବା ୨ଟି ଥଇଥାନ ଶିବିର ଉପରେ ଅର୍ଦ୍ଧସାମରିକ ବାହିନୀ ତ୍ୱରିତ ସହାୟକ ଫୋର୍ସର ଆକ୍ରମଣ ଦ୍ୱାରା ୧୧୪ରୁ ଅଧିକ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି । ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଶୁକ୍ରବାର ଜାମ୍‌ଜାମ୍ ଥଇଥାନ ଶିବିରରେ ହୋଇଥିବା ଆକ୍ରମଣରେ ୧୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ଗତକାଲି ଆବୁସୌକ୍

ଶିବିର ଉପରେ ପୃଥକ୍ ମିଲିସିଆ ଆକ୍ରମଣ ଯୋଗୁଁ ୧୪ଜଣ ନିହତ ହୋଇଛନ୍ତି । ଜାମ୍‌ଜାମ୍ କ୍ୟାମ୍ପରେ କାର୍ଯ୍ୟରତ ଥିବା ବେସରକାରୀ ସହାୟକ ସଂସ୍ଥାର ୯ଜଣ କର୍ମଚାରୀଙ୍କର ମଧ୍ୟ ଏହି ଆକ୍ରମଣରେ ମୃତ୍ୟୁ ହୋଇଥିବା ଜଣାପଡିଚି । ଅର୍ଦ୍ଧସାମରିକ ତ୍ୱରିତ ସହାୟକ ଫୋର୍ସ ପକ୍ଷରୁ ଏ ସମ୍ପର୍କରେ  କୌଣସି ମନ୍ତବ୍ୟ ଦିଆଯାଇ ନାହିଁ । ଗତବର୍ଷ ମେ' ମାସ ୧୦ ତାରିଖ ପରେ ସୁଦାନି ସଶସ୍ତ୍ରବାହିନୀ ଏବଂ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ଏହା ସବୁଠାରୁ ଭୟଙ୍କର ସଂଘର୍ଷ ବୋଲି ଜଣାପଡିଛି । ୨୦୨୩ ଏପ୍ରିଲ ମଧ୍ୟଭାଗରୁ ସୁଦାନରେ ଏହି ଦୁଇପକ୍ଷଙ୍କ ମଧ୍ୟରେ ଘଟିଥିବା ସଂଘର୍ଷରେ ଏପର୍ଯ୍ୟନ୍ତ ୨୯ହଜାର ୬୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି ।

## ଗାବୁନ ପୋଲ୍‌ସ

କେନ୍ଦ୍ରୀୟ ଆଫ୍ରିକୀୟ ରାଷ୍ଟ୍ର ଗାବୋନରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନର ପ୍ରାଥମିକ ଫଳାଫଳ ଆଜି ସଂଧ୍ୟାସୁଦ୍ଧା ପ୍ରକାଶ ପାଇବା ନେଇ ଆଶା କରାଯାଉଛି । ୨୦୨୩ରେ ସାମରିକ ବିଦ୍ରୋହ ଘଟିବାପରେ ଏହି ତୈଳସମ୍ପନ୍ନ ଦେଶରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତି ଅଲୀ ବଙ୍ଗୋ ଓନ୍‌ଡିମ୍ବାଙ୍କୁ କ୍ଷମତାଚ୍ୟୁତ କରି ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଜୁନ୍‌ତା ସଂଗଠନର ମୁଖ୍ୟ ବ୍ରିସ୍ ଓଲିଗୁଇ

ଏନ୍‌ଗୁଏମା ନିର୍ବାଚନରେ ବିଜୟଲାଭ କରିବାର ଆଶା କରାଯାଇଛି । ଏକ ବିଦ୍ରୋହ ମାଧ୍ୟମରେ ଶ୍ରୀ ଏନ୍‌ଗୁଏମା ରାଷ୍ଟ୍ରପତି ଓନ୍‌ଡିମ୍ବାଙ୍କୁ କ୍ଷମତାଚ୍ୟୁତ କରିଥିଲେ । ଏହି ନିର୍ବାଚନରେ ଅନ୍ୟ ୬ଜଣ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଦେଶର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ୮୭ ଦଶମିକ ୧/୨ ପ୍ରତିଶତ ମତଦାତା ସେମାନଙ୍କର ମତଦାନ କରିଛନ୍ତି । ନବନିର୍ବାଚିତ ରାଷ୍ଟ୍ରପତିଙ୍କର କାର୍ଯ୍ୟକାଳ ୭ ବର୍ଷ ରହିବ ।

## ୟୁଏସ୍-ପ୍ଲେନ କ୍ରାସ୍

ଆମେରିକାରେ ଗତ ୭୨ଘଣ୍ଟା ମଧ୍ୟରେ ୩ଟି ପୃଥକ୍ ପୃଥକ୍ ବିମାନ ଦୁର୍ଘଟଣା ଘଟିଛି । ଦୁଇଟି ଦୁର୍ଘଟଣା ନ୍ୟୁୟର୍କରେ ଏବଂ ଗୋଟିଏ ଫ୍ଲୋରିଡାରେ ଘଟିଛି । ଗତକାଲି ନ୍ୟୁୟର୍କର ହଡସନ ନିକଟରେ ଏକ ବିମାନ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଏହାପୂର୍ବରୁ ଦକ୍ଷିଣ ଫ୍ଲୋରିଡାରେ ଶୁକ୍ରବାର ଦିନ ବିମାନ ଦୁର୍ଘଟଣାରେ ୩ଜଣଙ୍କର ପ୍ରାଣହାନୀ ଘଟିଛି । ଗତ ଗୁରୁବାର ଦିନ ବିମାନ ଦୁର୍ଘଟଣାରେ ଏଥିରେ ଯାତ୍ରା କରୁଥିବା ସମସ୍ତ ୬ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଜୟପୁରଠାରେ ରାଜସ୍ଥାନ ରୟାଲ୍‌ସ ଏବଂ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ । ସନ୍ଧ୍ୟାରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ ।

# ଆଇଏମ୍‌ଡି ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଉତ୍ତର-ପଶ୍ଚିମ ଏବଂ ଗୁଜୁରାଟର କେତେକ ସ୍ଥାନରେ ଆସନ୍ତା ମଙ୍ଗଳବାରଠାରୁ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରାଯାଇଛି । ରାଜସ୍ଥାନର ପୂର୍ବ ଏବଂ ପଶ୍ଚିମ ଭାଗ, ପଶ୍ଚିମ ମଧ୍ୟପ୍ରଦେଶ, ଗୁଜୁରାଟ, ପଞ୍ଜାବ, ଦିଲ୍ଲୀ ଏବଂ ହରିୟାଣାର କେତେକ ସ୍ଥାନରେ ଗ୍ରୀଷ୍ମପ୍ରବାହ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ପୂର୍ବ ଏବଂ ଉତ୍ତରପୂର୍ବ ଭାଗରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଆନ୍ଧ୍ରପ୍ରଦେଶ ଏବଂ ୟନମ୍, ତାମିଲନାଡୁ, ପୁଡୁଚେରୀ ଏବଂ କରାଇକଲର ଅଳ୍ପ କେତେକ ସ୍ଥାନରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।